ଧରିତ୍ରୀ
DHARITRI

21st Oct, 2021

# ଆଇଆଇଟିର ସମାବର୍ତ୍ତନ ଉତ୍ସବ ପାଳିତ




ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଜଟଣୀ,୨୦।୧୦(ଡି.ଏନ୍.ଏ.)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୧୦ମ ସମkବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କମ୍ୟୁନିଟି ହଲ ପରିସରରେ କରୋନା କଟକଣା ମଧ୍ୟରେ ଆୟୋଜିତ ଉତ୍ସବରେ ଇନ୍‌ଫୋସିସର ପ୍ରତିଷ୍ଠାତା ଏନ. ଆର. ନାରkୟଣ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ବିଭିନ୍ନ ବର୍ଗରେ ସଫଳତାର ସହ ଶିକ୍ଷା ସମାପ୍ତ କରିଥିବା ୫୫୯ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପଦକ ପ୍ରଦାନ କରାଯାଇଥିଲା। ଏମ. ଟେକ ରେ ୧୫୩ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ସମୟରେ ୩୫ ଜଣଙ୍କୁ ପିଏଚ୍‌ଡି, ୭୯ଜଣଙ୍କୁ ଏମ୍‌ଏସସି, ୨୫୬ଜଣଙ୍କୁ ବିଟେକ ଏବଂ ୩୬ଜଣଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିଭଳି କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଉଲ୍ଲେଖନୀୟ ସଫଳତା ପାଇଁ ଦିନେଶ ମହାନ୍ତିଙ୍କୁ ସର୍ଣ୍ଣପଦକ ପ୍ରଦାନ କରାଯାଇଛି। ଶିବମ ହୋଣ୍ଡା, ଶାଶ୍ୱତ ପଣ୍ଡା ଏବଂ ହିତେଶ ଗୁପ୍ତାଙ୍କୁ ଡିରେକଟର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ନିର୍ଦ୍ଦେଶକ ଆର. ଭି. ରାଜକୁମାର, କୁଳସଚିବ ଦେବରାଜ ରଥଙ୍କ ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।